# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 20th December – 2025

******************************************

## ମୁଖ୍ୟ ସମ୍ବାଦ

- ଆଧୁନିକତା ଓ ଆଧ୍ୟାତ୍ମିକତାର ସମାଗମ ଭାରତୀୟ ସଭ୍ୟତାର ସର୍ବବୃହତ୍ ଶକ୍ତି; କହିଲେ ରାଷ୍ଟ୍ରପତି ।

- ବିକଶିତ ଭାରତ ଜି. ରାମ୍. ଜି. ବିଲ୍' ଚାଷୀ ଓ ଚାଷ ଉପରେ ନିର୍ଭରଶୀଳ ଲୋକଙ୍କୁ ସୁଫଳ ପ୍ରଦାନ କରିବ; କହିଲେ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ ।

- ଝାରସୁଗୁଡ଼ା ଜିଲ୍ଲାର ବିକାଶପାଇଁ ୩୪୩ କୋଟି ଟଙ୍କାର ୩୯ଟି ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ ।

ଏବଂ

- ରାଜ୍ୟର ୭ଟି ଜିଲ୍ଲାର ଚାଷୀମାନଙ୍କଠାରୁ ଏପର୍ଯ୍ୟନ୍ତ ୩ ଲକ୍ଷ ୫ ହଜାର ମେଟ୍ରିକ୍ ଟନ୍ ଧାନ କିଣାଯାଇଥିବା ସରକାରଙ୍କ ସୂଚନା ।

*Desk*

# ରାଷ୍ଟ୍ରପତି - ଆଧ୍ୟାତ୍ମିକ ଐତିହ୍ୟ

ଭାରତର ଆଧ୍ୟାତ୍ମିକ ଐତିହ୍ୟ' ବିଶ୍ୱର ମାନସିକ, ନୈତିକ ଓ ପରିବେଶ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ସମାଧାନ କରିବା ଦିଗରେ ସହାୟକ ହୋଇଥାଏ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ହାଇଦ୍ରାବାଦଠାରେ ଆଜି ଏକ କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି, ଆଧୁନିକତା ଓ ଆଧ୍ୟାତ୍ମିକତାର ସମାଗମ ଆମ ସଭ୍ୟତାର ସବୁଠୁ ବଡ଼ ଶକ୍ତି ଅଟେ । କେବଳ ଭୌତିକ ବିକାଶରେ ଜୀବନରେ ସୁଖ ଓ ଶାନ୍ତି ପ୍ରାପ୍ତ ହୁଏ ନାହିଁ; ବରଂ ଏଥିପାଇଁ ଆନ୍ତରିକ ସ୍ଥିରତା, ଭାବନାତ୍ମକ ଦୃଷ୍ଟିକୋଣ ଏବଂ ମୂଲ୍ୟ ଉପରେ ପର୍ଯ୍ୟବସିତ ଭାବନାର ଆବଶ୍ୟକତା ରହିଛି । ରାଷ୍ଟ୍ରପତି କହିଛନ୍ତି, ଜଣେ ବ୍ୟକ୍ତି ନୈତିକ ମୂଲ୍ୟ ଓ ଆତ୍ମ ନିୟନ୍ତ୍ରଣର ବିକାଶ କରିପାରିଲେ ହିଁ ସମାଜରେ ସହିଷ୍ଣୁତା ଏବଂ ସହଯୋଗ ବୃଦ୍ଧି ପାଇବ ।

***Voice (Pres)*** :.............

*Desk*

# ଶିବରାଜ ସିଂହ ଚୌହାନ

ବିକଶିତ ଭାରତ ରୋଜଗାର ଏବଂ ଆଜିବିକା ମିଶନ ପାଇଁ ଗ୍ୟାରେଣ୍ଟି ଅଭିଯାଜନ ଗ୍ରାମୀଣ - ଭି.ବି. ଜି.ରାମ୍.ଜି. ବିଲ୍ ଚାଷୀ ଏବଂ ଚାଷ ଉପରେ

ନିର୍ଭରଶୀଳ ଲୋକଙ୍କୁ ସୁଫଳ ପ୍ରଦାନ କରିବା ସହିତ ବିଭିନ୍ନ ଦୃଷ୍ଟିକୋଣରୁ ଗ୍ରାମ୍ୟ ବିକାଶ ସହିତ ଜଡ଼ିତ ବୋଲି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି । ନୂଆଦିଲ୍ଲୀରେ ଆଜି ଚୌଧୁରୀ ଚରଣ ସିଂହ ପୁରସ୍କାର ୨୦୨୫ ସମାରୋହରେ ଯୋଗଦେଇ ଶ୍ରୀ ଚୌହାନ କହିଛନ୍ତି, ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍ ପ୍ରସ୍ତୁତିରେ କୃଷି କ୍ଷେତ୍ର ପାଇଁ ଏକ ନିରନ୍ତର ବ୍ୟବସ୍ଥା ଗଠନ ଲକ୍ଷ୍ୟରେ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଆହ୍ୱାନ କରାଯାଇଛି ।  ସରକାରୀ ଯୋଜନା ଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ପାଇଁ ଚାଷୀ, ବିଶେଷଜ୍ଞ ଏବଂ କୃଷି ବୈଜ୍ଞାନିକଙ୍କ ସମନ୍ୱୟ ମାଧ୍ୟମରେ ଚିନ୍ତନ ଶିବିର ଆୟୋଜନ ଉପରେ ମନ୍ତ୍ରୀ ଶ୍ରୀ ଚୌହାନ ଆଲୋକପାତ କରିଛନ୍ତି ।

***Jharsuguda/R***

## ପୂର୍ତ୍ତ ବିଭାଗ - ଶିଳାନ୍ୟାସ

ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ଝାରସୁଗୁଡ଼ା ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଜିଲ୍ଲାର ବିକାଶପାଇଁ ୫୫୨ କୋଟି ଟଙ୍କାର ପ୍ରକଳ୍ପ ପୂର୍ତ୍ତ ବିଭାଗ ପକ୍ଷରୁ ମଞ୍ଜୁର ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଆଜି ୩୪୩ କୋଟି ଟଙ୍କାର ୩୯ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି । ବିଭିନ୍ନ ଛୋଟବଡ଼ ରାସ୍ତା, ବ୍ରିଜ୍ ଏବଂ ଡ୍ରେନ୍ ନିର୍ମାଣ ପ୍ରକଳ୍ପ ଏଥିରେ ଅନ୍ତର୍ଭୁକ୍ତ । ଝାରସୁଗୁଡ଼ା ଗ୍ରାମୀଣ ଅଞ୍ଚଳପାଇଁ ୪୬ କୋଟି,

ପୌରାଞ୍ଚଳପାଇଁ ୧୯ କୋଟି, କିର୍‌ମିରା ବ୍ଲକ୍‌ପାଇଁ ୪୧ କୋଟି, ଲଇକେରା ବ୍ଲକ୍ ପାଇଁ ସର୍ବାଧିକ ୮୬ କୋଟି ଟଙ୍କାରେ ନିର୍ମିତ ହେବାକୁ ଥିବା ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି । ଏହି ଅବସରରେ ଶିଳାନ୍ୟାସ କରାଯାଇଥିବା ପ୍ରକଳ୍ପଗୁଡ଼ିକଦ୍ୱାରା ଜନସାଧାରଣ ଯେଉଳି ଉପକୃତ ହୋଇପାରିବେ, ସେନେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ଥିଲେ ।

***Desk***

# ରାଜସ୍ୱ ନିରୀକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ

କୋରାପୁଟ ଜିଲ୍ଲା ଜୟପୁର ଫୁଲବାଡ଼ସ୍ଥିତ ରାଜସ୍ୱ ନିରୀକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନକୁ ଆଜି ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜାରୀ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ଦୁର୍ନୀତିମୁକ୍ତ ପ୍ରଶାସନ, ତ୍ୱରିତ ସେବା ଯୋଗାଇ ଦେବାରେ କୌଣସି ବୁଝାମଣା କରିବେ ନାହିଁ । ଏହି ପ୍ରତିଷ୍ଠାନରେ ୭୮ ଜଣ ରାଜସ୍ୱ ନିରୀକ୍ଷକ ତାଲିମ୍ ନେବାପାଇଁ କେନ୍ଦ୍ର ଆରମ୍ଭ କରାଯାଇଛି । ପୂର୍ବରୁ ଭୁବନେଶ୍ୱର, ସମ୍ବଲପୁର ଏବଂ ଖଲିକୋଟଠାରେ ତାଲିମ୍ କେନ୍ଦ୍ର ଚାଲିଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଜୟପୁରଠାରେ ୨ କୋଟି ୯ ଲକ୍ଷ ଟଙ୍କା ବ୍ୟୟରେ ଅତ୍ୟାଧୁନିକ ଯନ୍ତ୍ରାଂଶରେ ନିଜସ୍ୱ କୋଠା ନିର୍ମାଣ କରାଯାଇଛି ।

*Desk*

## ସରକାରୀ କ୍ୱାର୍ଟର୍ସ୍

ରାଜ୍ୟରେ ଅବ୍ୟବହୃତ ସରକାରୀ କ୍ୱାଟର୍ସଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଇ ବିକାଶମୂଳକ କାର୍ଯ୍ୟରେ ବ୍ୟବହାର କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । କୋରାପୁଟ ଜିଲ୍ଲା ଜୟପୁରଠାରେ ରାଜସ୍ୱ ନିରୀକ୍ଷକଙ୍କ ସହ ବୈଠକ କରି ଶ୍ରୀ ପୂଜାରୀ କହିଛନ୍ତି, ଜମି ଜବରଦଖଲ ରୋକିବା କ୍ଷେତ୍ରରେ ତହସିଲଦାରମାନଙ୍କ ଅପେକ୍ଷା ରାଜସ୍ୱ ନିରୀକ୍ଷକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସଚ୍ଚୋଟତାର ସହ କାର୍ଯ୍ୟ ପରିଚାଳନା କରି ରାଜ୍ୟର ବିକାଶରେ ଭାଗିଦାରୀ ହେବା ପାଇଁ ଶ୍ରୀ ପୂଜାରୀ ପରାମର୍ଶ ଦେଇଛନ୍ତି ।

*Desk*

## ସଶସ୍ତ୍ର ସୀମାବଳ ପ୍ରତିଷ୍ଠା ଦିବସ

ଦେଶର ସୀମା ସୁରକ୍ଷା ପାଇଁ ସର୍ବଦା ଜାଗ୍ରତ ରହୁଥିବା ସଶସ୍ତ୍ର ସୀମାବଳ ଆଜି ତାର ୬୨ତମ ପ୍ରତିଷ୍ଠା ଦିବସ ପାଳନ କରୁଛି । ଯବାନମାନଙ୍କ ସାହସ, ସୌର୍ଯ୍ୟ ଓ ତ୍ୟାଗ ପାଇଁ ଦେଶବାସୀ ସୁରକ୍ଷିତ ଜୀବନଯାପନ କରୁଛନ୍ତି । ସେମାନଙ୍କ ଦୃଢ଼ ମନୋବଳ ତଥା କର୍ତ୍ତବ୍ୟପରାୟଣତା ଜାତୀୟ ସୁରକ୍ଷାର ସ୍ତମ୍ଭ ଭାବେ ଉଭା ହୋଇଛି ।

*Desk*

# ଧାନ ସଂଗ୍ରହ

ରାଜ୍ୟର ବରଗଡ଼, ନୂଆପଡ଼ା, ସମ୍ବଲପୁର, କଳାହାଣ୍ଡି, ସୁବର୍ଣ୍ଣପୁର, ସୁନ୍ଦରଗଡ଼ ଓ ବଲାଙ୍ଗିର ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୬୭ ହଜାର ୨୫୦ ଜଣ ଚାଷୀଙ୍କଠାରୁ ୩ ଲକ୍ଷ ୫ ହଜାର ୫୦ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଥିବା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି । ଏଥିସହ ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ବାବଦକୁ ୪୪୭ କୋଟି ୨୨ ଲକ୍ଷ ଏବଂ ଇନ୍‌ପୁଟ୍ ସହାୟତା ଭାବରେ ୧୩୮ କୋଟି ଟଙ୍କା ଦିଆଯାଇଛି । ଦେବଗଡ଼ ଜିଲ୍ଲାରେ ଆଜିଠାରୁ ଧାନସଂଗ୍ରହ ଆରମ୍ଭ ହୋଇଛି । ଜିଲ୍ଲାର ୫୧ଟି ମଣ୍ଡିରେ ୨୧ ହଜାର ୪୧୪ ଜଣ ଚାଷୀଙ୍କଠାରୁ ଧାନ କିଣାଯିବ । ପର୍ଯ୍ୟାୟକ୍ରମେ ଅନ୍ୟ ଜିଲ୍ଲାଗୁଡ଼ିକରୁ ମଧ୍ୟ ଧାନ ସଂଗ୍ରହ କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

*Dhenkanal/R*

# ମାଣ୍ଡିଆ ବିକ୍ରି

ଢେଙ୍କାନାଳ ଜିଲ୍ଲାରେ ଆସନ୍ତାମାସ ୧୬ ତାରିଖରେ ମଣ୍ଡି ମାଧ୍ୟମରେ ମାଣ୍ଡିଆ ଓ ହରଡ଼ ସଂଗ୍ରହ କରାଯିବ ବୋଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱନାଥ ଦାସ କହିଛନ୍ତି । ସମସ୍ତ ମଣ୍ଡିରେ ଚାଷୀମାନେ ଯେପରି ସହଜରେ

ସେମାନଙ୍କର ଉତ୍ପାଦ ବିକ୍ରି କରିପାରିବେ, ସେଥିପ୍ରତି ସମ୍ପୃକ୍ତ ଅଧିକାରୀମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି । ଚାଷୀମାନଙ୍କୁ ମାଣ୍ଡିଆ ପାଇଁ କୁଇଣ୍ଟାଲ୍ ପ୍ରତି ୪ ହଜାର ୮୮୬ ଟଙ୍କା ଓ ହରଡ଼ ପାଇଁ ୮ ହଜାର ଟଙ୍କା ଲେଖାଏଁ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରାଯିବ । ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୨ ହଜାର ୨୭୭ ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି ।

***BBSR/R***

## ମୁଖ୍ୟମନ୍ତ୍ରୀ ବସ୍‌ସେବା

ମୁଖ୍ୟମନ୍ତ୍ରୀ ବସ୍ ସେବା ରାଜ୍ୟର ସହଜ, ସୁରକ୍ଷିତ ଓ ଦୀର୍ଘସ୍ଥାୟୀ ସାର୍ବଜନୀନ ପରିବହନ ଦୃଷ୍ଟିକୋଣର ମୁଖ୍ୟ ଆଧାର ବୋଲି ବିଭାଗୀୟ ପ୍ରମୁଖ ସଚିବ ଉଷା ପାଢ଼ୀ କହିଛନ୍ତି । ଭୁବନେଶ୍ୱରସ୍ଥିତ ଖାରବେଳ ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଷ୍ଟିଅରିଂ କମିଟି ବୈଠକରେ ଶ୍ରୀମତୀ ପାଢ଼ୀ ଅଧ୍ୟକ୍ଷତା କରି କହିଛନ୍ତି, ମୁଖ୍ୟମନ୍ତ୍ରୀ ବସ୍ ସେବାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି । ସହଜତା ଓ ଆର୍ଥିକ ସ୍ଥାୟିତ୍ୱ ମଧ୍ୟରେ ସନ୍ତୁଳନ ରଖିବାପାଇଁ ଛାତ୍ରଛାତ୍ରୀଙ୍କପାଇଁ ମାଗଣା ବସ୍‌ସେବା ଯାତ୍ରା ଜାରି ରଖିବା ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ବୈଠକରେ ସୁଲଭ ଓ ସମାବେଶୀ ସାର୍ବଜନୀନ ପରିବହନ ପ୍ରଣାଳୀକୁ ଅଧିକ ସୁଦୃଢ଼ କରିବାପାଇଁ ଜାରି ରହିଥିବା ସଂସ୍କାର ପ୍ରକ୍ରିୟା ଓ ଆଗାମୀ ପର୍ଯ୍ୟାୟର ରୂପରେଖ ସମ୍ପର୍କରେ ସମୀକ୍ଷା କରାଯାଇଥିଲା ।

*Desk*

## ବିଦ୍ୟାଳୟ - ମହାକାଶ ବିଜ୍ଞାନ

ଛାତ୍ରଛାତ୍ରୀଙ୍କୁ ମହାକାଶ ବିଜ୍ଞାନ ପ୍ରତି ଆକୃଷ୍ଟ କରିବା ସରକାରଙ୍କ ପ୍ରାଥମିକତା ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ମହାକାଶଚାରୀ କ୍ୟାପ୍‌ଟେନ୍ ଶୁଭାଂଶୁ ଶୁକ୍ଳାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ୍ ଅବସରରେ ଶ୍ରୀ ପ୍ରଧାନ ମହାକାଶ ବିଦ୍ୟା ଓ ଗବେଷଣାକୁ ବିଦ୍ୟାଳୟ ଓ ଉଚ୍ଚଶିକ୍ଷା ସ୍ତରରେ ସାମିଲ୍ କରାଯିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ଆଜି ମହାକାଶ କ୍ଷେତ୍ରରେ ଏକ ଅଗ୍ରଣୀ ରାଷ୍ଟ୍ର ଭାବେ ଉଭା ହୋଇଛି ।

*Nayagarh/R*

## ସଚେତନତା ଶିବିର

ନୟାଗଡ଼ ଜିଲ୍ଲା ଦୌରାଜଜ୍ ଆନନ୍ଦ ନାରାୟଣ ମହାରଣା ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡଙ୍କ ଅଧ୍ୟକ୍ଷତାରେ ଦଶପଲ୍ଲା ବ୍ଲକ୍ ଘୁଗୁଡ଼ିପଡ଼ା ଉଚ୍ଚ ବିଦ୍ୟାଳୟ ପରିସରରେ ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ । ଛାତ୍ରଛାତ୍ରୀମାନେ ଯେପରି

ଶିକ୍ଷାଦାନରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ଧ୍ୟାନ ଦେବାକୁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଶ୍ରୀମତୀ ମଛଖଣ୍ଡ ପରାମର୍ଶ ଦେଇଥିଲେ ।

***Deogarh/R***

## ନିଯୁକ୍ତିମେଳା - ପ୍ରସ୍ତୁତି ବୈଠକ

ଦେବଗଡ଼ ଜିଲ୍ଲା ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୧୮ରୁ ୩୫ ବର୍ଷ ବୟସର ଯୁବକ ଯୁବତୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାପାଇଁ ଉନ୍ନୟନ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ବୈଠକରେ କୁହାଯାଇଛି । ଆସନ୍ତା ଫେବୃୟାରୀ ମାସ ୪ ତାରିଖରେ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଜିଲ୍ଲାସ୍ତରୀୟ ନିଯୁକ୍ତିମେଳା ଅନୁଷ୍ଠିତ ହେବ ।

***Baragarh/R***

## ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ବରଗଡ଼ ଜିଲ୍ଲା ଯଦୁମଣି ପ୍ରଧାନ ପ୍ରେକ୍ଷାଳୟଠାରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆଜି ଉଦ୍‌ଯାପିତ ହୋଇଯାଇଛି । ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମାଧ୍ୟମରେ ଚାଷୀମାନଙ୍କ ଆର୍ଥିକ ସମୃଦ୍ଧି

କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କଦ୍ୱାରା ପରିଚାଳିତ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପଯୋଗ କରିବା ଉଚିତ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ମତବ୍ୟକ୍ତ କରିଥିଲେ ।

***Nayagarh/R***

# ନିଯୁକ୍ତି ପରାମର୍ଶ ଶିବିର

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ପଠାଣୀ ସାମନ୍ତ ମହାବିଦ୍ୟାଳୟରେ ଏକ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ନାତକ ପରେ ଛାତ୍ରଛାତ୍ରୀଙ୍କ ନିଯୁକ୍ତି ସୁଯୋଗ ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଏଥିରେ ଜିଲ୍ଲାର ବହୁ ଶିକ୍ଷାବିତ୍ ଯୋଗ ଦେଇଥିଲେ ।

***Boudh/R***

# ଏ.ଆଇ. ସଚେତନତା

ବୌଦ୍ଧ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା କୋର୍ଟ ପରିସରରେ ଆଇନ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ନିୟମାବଳୀକୁ ଇଂରାଜୀରୁ ଆଞ୍ଚଳିକ ଭାଷାରେ କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର କରିବା ନେଇ

ଆଜି ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରାଧିକରଣର ଅଧ୍ୟକ୍ଷ ପ୍ରତାପ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଚାରପତିଙ୍କ ସମେତ ବହୁ ଆଇନଜୀବୀ ଅଂଶଗ୍ରହଣ କରିଥିଲେ ।

***Bhadrak/R***

## ଆବାସ ଯୋଜନା

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଭଣ୍ଡାରୀପୋଖରୀ ବ୍ଲକ୍ ପାଟୁଳି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅଗ୍ରଗତି ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବି.ଡି.ଓ., ତହସିଲ୍‌ଦାର, ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଯୋଗଦେଇ ପଞ୍ଚାୟତରେ ହେଉଥିବା ଆବାସ ଯୋଜନାର ଯୋଗ୍ୟ ହିତାଧିକାରୀମାନଙ୍କ ସହ ବିଭିନ୍ନ ଅଗ୍ରଗତି ନେଇ ଆଲୋଚନା କରିଥିଲେ ।

***Met. O.***

## ପାଣିପାଗ

ରାଜ୍ୟରେ ଶୀତ ଲହରୀ ଜାରି ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆଜି ଫୁଲବାଣୀଠାରେ ସର୍ବନିମ୍ନ ତାପମାତ୍ରା ୫ ଦଶମିକ ୮ ଦଶମିକ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଛି । ଆସନ୍ତା ୨୪

ଘଣ୍ଟା ମଧ୍ୟରେ ଘନ କୁହୁଡ଼ି ହେବା ନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ କନ୍ଧମାଳ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

******